ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1390/05-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୫ ମାର୍ଚ୍ଚ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ପଞ୍ଚାୟତିରାଜ ଓ ଲୋକସେବା ଦିବସ ଭାବେ ପାଳିତ ହେଉଥିବା ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜନ୍ମଦିବସ ଅବସରରେ ୫–'ଟି' ଉପକ୍ରମ ଅଧୀନରେ ୩୦୦୦ରୁ ଅଧିକ 'ମୋ ସେବାକେନ୍ଦ୍ର' ଏବଂ 'ଓଡ଼ିଶା ୱାନ୍ ପୋର୍ଟାଲ୍'କୁ ଭର୍ଚୁଆଲ୍ ମାଧ୍ୟମରେ ଲୋକାର୍ପିତ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫–'ଟି' ଉପକ୍ରମ ଅଧୀନରେ ନାଗରିକମାନଙ୍କୁ ସେମାନଙ୍କ ନିକଟରେ ବିଭିନ୍ନ ଲୋକସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଓଡ଼ିଶା 'ମୋ ସେବାକେନ୍ଦ୍ର' ଅଭିଯାନ ଆରମ୍ଭ କରିଛି ଏବଂ ଏବେ ନାଗରିକମାନେ ନିକଟବର୍ତ୍ତୀ 'ମୋ ସେବାକେନ୍ଦ୍ର'କୁ ଯାଇ ବିଦ୍ୟୁତ ଦେୟ ଓ ଜଳକର ପ୍ରଦାନ ସାଙ୍ଗକୁ ବିଭିନ୍ନ ଆବଶ୍ୟକୀୟ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଟିକସମାନ ପ୍ରଦାନ କରିପାରିବେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ରାଜ୍ୟ ସରକାର ପ୍ରତି ଗ୍ରାମପଞ୍ଚାୟତରେ ଅନ୍ୟୁନ ଗୋଟିଏ ଏବଂ ସହରାଞ୍ଚଳରେ ୨୫ ହଜାର ଜନସଂଖ୍ୟା ନିମନ୍ତେ ଅନ୍ୟୁନ ଗୋଟିଏ କରି ୭୦୦୦ରୁ ଊର୍ଦ୍ଧ୍ୱ 'ମୋ ସେବାକେନ୍ଦ୍ର' ପ୍ରତିଷ୍ଠା କରିବା ନିମନ୍ତେ ଯୋଜନା କରୁଛନ୍ତି । ଏପରି ଅଭିଯାନ ଫଳରେ ସରକାରୀ ଦପ୍ତରକୁ ବାରମ୍ବାର ନଆସି ବିଭିନ୍ନ ଲୋକସେବା ପାଇବା ନିମନ୍ତେ ନାଗରିକମାନେ ସମର୍ଥ ହୋଇପାରିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସବୁ ସୁବିଧାଗୁଡ଼ିକ ଜରିଆରେ ତ୍ୱରିତ ଅନ୍‌ଲାଇନ୍ ସେବା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର 'ଓଡ଼ିଶା ୱାନ୍' ନାମରେ ଏକ ସମନ୍ୱିତ ଡିଜିଟାଲ୍ ପ୍ଲାଟ୍‌ଫର୍ମ ବିକଶିତ କରିଛନ୍ତି । ଏହି ପ୍ଲାଟ୍‌ଫର୍ମରେ ବିଭିନ୍ନ ବିଭାଗର ୧୦୦ରୁ ଊର୍ଦ୍ଧ୍ୱ ସେବା ସଂଯୁକ୍ତ ହୋଇଛି ଏବଂ ଭବିଷ୍ୟତରେ ପ୍ରାୟ ୪୦୦ ସେବା ଉପଲବ୍ଧ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମନ୍ତ୍ରୀ, କ୍ରୀଡ଼ା ଓ ଯୁବସେବା, ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ଶ୍ରୀ ତୁଷାରକାନ୍ତି ବେହେରା, ସ୍ଥାନୀୟ ମାନ୍ୟବର ସାଂସଦ ତଥା ମାନ୍ୟବର ବିଧାୟକବୃନ୍ଦ, ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ଉପଦେଷ୍ଟା ଶ୍ରୀ ଅନୁଭବ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଇଲେକ୍‌ଟ୍ରୋନିକ୍ସ

ଏବଂ ଆଇଟି ବିଭାଗର ସଚିବ ଶ୍ରୀ ମନୋଜ ମିଶ୍ର ଏହି ଅବସରରେ ଉପସ୍ଥିତ ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଆ ସ୍ୱାଭିମାନର ପ୍ରତୀକ, ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଓଡ଼ିଶାକୁ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ସହ ଲୋକଙ୍କ ସେବାରେ ସେ ନିଜ ଜୀବନ ଉତ୍ସର୍ଗ କରିଥିଲେ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଓଡ଼ିଆ ସ୍ୱାଭିମାନ ଓ ନୀତି-ଆଦର୍ଶକୁ ପାଥେୟ କରି ନୂଆ ଓଡ଼ିଶା ଗଠନ ଦିଗରେ ଆମେ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ପଞ୍ଚାୟତିରାଜ ଏବଂ ଲୋକସେବା ଦିବସ ଅବସରରେ କହିଛନ୍ତି ଯେ ଗଣତନ୍ତ୍ରରେ ଲୋକମାନେ ହିଁ ପ୍ରକୃତ ମାଲିକ । ଲୋକଙ୍କ ଉନ୍ନତି ପାଇଁ କ୍ଷମତାର ବିକେନ୍ଦ୍ରୀକରଣ ଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ବିଜୁବାବୁ ଥିଲେ ଅଗ୍ରଗଣ୍ୟ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅବଦାନକୁ ସ୍ମରଣ କରି ଏକ ନୂଆ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ଭୁବନେଶ୍ୱରଠାରେ ପ୍ରଥମ ଅଗ୍ରଗାମୀ ଦକ୍ଷତା ତାଲିମ ପ୍ରତିଷ୍ଠାନ 'ବିଶ୍ୱ ଦକ୍ଷତା କେନ୍ଦ୍ର' ଉଦ୍‌ଘାଟନ କରିଛନ୍ତି ଏବଂ ବିଗତ ୫ ବର୍ଷ ମଧ୍ୟରେ ଓଡ଼ିଶା ଦକ୍ଷତା ବିକାଶ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି ବୋଲି କହିଛନ୍ତି । ସେ କହିଛନ୍ତି ଯେ ଆମେ ଆମର ଯୁବକମାନଙ୍କ ପାଇଁ ଯେକୌଣସି ସ୍ଥାନରେ ଥିବା ସେମାନଙ୍କ ପ୍ରତିପକ୍ଷଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା ନିମନ୍ତେ ନୂତନ ସୁଯୋଗମାନ ସୃଷ୍ଟି କରିଛୁ । ଯୁବକମାନଙ୍କ ଆଶାଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କୁ ବିଶ୍ୱସ୍ତରରେ ନିଯୁକ୍ତିଯୋଗ୍ୟ କରି ଗଢ଼ିତୋଳିବା ଆମର ଲକ୍ଷ୍ୟ ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଯୁବକମାନଙ୍କୁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରିବା ପାଇଁ ସେମାନଙ୍କ ସକାଶେ ଭିତ୍ତିଭୂମି ଓ ବିଭିନ୍ନ ପ୍ରକରଣ ସୃଷ୍ଟି ଉପରେ ସରକାର ଆଗ୍ରହର ସହିତ ପୁଂଜିବିନିଯୋଗ କରୁଛନ୍ତି । ଆମର ଯୁବକମାନଙ୍କୁ ଉନ୍ନତ ଦକ୍ଷତା ତାଲିମ ଯୋଗାଇଦେବା ସହିତ ବିଶ୍ୱସ୍ତରରେ ସେମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରସ୍ତୁତ କରିବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ଏପରି ଉଦ୍ୟମକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଆଗେଇ ନେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି ।

  - ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ଶ୍ରୀ ସୁବ୍ରତ ବାଗ୍‌ଚୀ ବିଗତ ୫ ବର୍ଷରେ 'ସ୍କିଲଡ୍ ଇନ୍ ଓଡ଼ିଶା'ର ସଫଳତା ଉପରେ ଆଲୋକପାତ କରିବା ସହିତ ଦକ୍ଷତା ବିକାଶ ଉଦ୍ୟମକୁ ପରବର୍ତ୍ତୀ ପର୍ଯ୍ୟାୟ, ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସଂପ୍ରସାରିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି ।

  - ମାନ୍ୟବର ମନ୍ତ୍ରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ପ୍ରେମାନନ୍ଦ ନାୟକ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କର ମହାନିର୍ଦ୍ଦେଶକ ଶ୍ରୀ କେନିଚି ୟୋକୋୟାମା, ଆଇଟିଇଏସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ବ୍ରୁସ୍ ପୋହ୍ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥାର ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ସ୍ୱାଗତ ଜଣାଇବା ସହିତ ଭାରତରେ ଦକ୍ଷତା ବିକାଶ ପରିମଣ୍ଡଳରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଭୂମିକା ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ ଶିଳ୍ପାନୁଷ୍ଠାନ ସହଯୋଗ କେନ୍ଦ୍ର ଏବଂ ସେଗୁଡ଼ିକର ନିଯୋଜନ ଆବଶ୍ୟକତା ନିମନ୍ତେ ବିଶ୍ୱ ଦକ୍ଷତା କେନ୍ଦ୍ର ଏକ ପ୍ରମୁଖ ଲକ୍ଷ୍ୟସ୍ଥଳ ଭାବରେ କାର୍ଯ୍ୟ କରିବ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତୀୟ ପ୍ରାୟୋଗିକ ଅର୍ଥନୈତିକ ଗବେଷଣା ପରିଷଦ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଅତ୍ୟୁଚ୍ଚ ୮୬.୫୪ ମାର୍କ ପାଇ ଓଡ଼ିଶା ଜମିଜମା କାଗଜାତ୍ ପାଇବାରେ ରହିଥିବା ସୂଚକାଙ୍କରେ ଉତ୍ତମ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୱେବ୍‌ସାଇଟ୍‌ରେ ଅନୁସନ୍ଧାନରେ ସହଜତା, ସୁବିସ୍ତୃତ ବିବରଣୀ ପ୍ରାପ୍ତି, ଡିଜାଇନ୍, ନାଭିଗେସନ୍ ଏବଂ ବିଭିନ୍ନ ପ୍ରଶ୍ନର ଉତ୍ତର ସୁନିଶ୍ଚିତ କରିବାରେ ଓଡ଼ିଶା ଉତ୍କର୍ଷ ହାସଲ କରିଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ବିଭିନ୍ନ ବିଷୟର ଡିଜିଟାଇଜଡ୍ ରେକର୍ଡ ଏବଂ ସ୍ଥାନିକ ଦସ୍ତାବିଜଗୁଡ଼ିକର ଡିଜିଟାଇଜେସନ୍ ସୁନିଶ୍ଚିତ କରି ଜମିଜମା ରେକର୍ଡ ଏବଂ ସେବା ସୂଚକାଙ୍କରେ ସମଗ୍ର ଦେଶରେ ତୃତୀୟ ହୋଇଛି । ଦେଶର ୩୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଜମିଜମା ରେକର୍ଡ ସଂପର୍କିତ ୱେବ୍‌ସାଇଟ୍‌ଗୁଡ଼ିକର ମୂଲ୍ୟାଙ୍କନ କରିବା ପରେ ଜାତୀୟ ପ୍ରାୟୋଗିକ ଅର୍ଥନୈତିକ ଗବେଷଣା ପରିଷଦ ଏହି ସୂଚକାଙ୍କଗୁଡ଼ିକୁ ପ୍ରସ୍ତୁତ କରିଥିଲେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତରେ ଅବସ୍ଥାପିତ ଫ୍ରାନ୍ସ ରାଷ୍ଟ୍ରଦୂତ ଶ୍ରୀ ଏମାନୁଏଲ୍ ଲେନିୟାନ୍ ଅନ୍ୟାନ୍ୟ ଫରାସୀ ପଦାଧିକାରୀମାନଙ୍କ ସହିତ ଓଡ଼ିଶାର ଚାରୁ ଓ କାରୁକଳା ତଥା ଐତିହ୍ୟ ପ୍ରଦର୍ଶନ କରୁଥିବା ଅନୁଷ୍ଠାନ ଭୁବନେଶ୍ୱରସ୍ଥିତ 'କଳାଭୂମି' ପରିଦର୍ଶନ କରିଥିଲେ । ପ୍ରତିନିଧି ଦଳ ଓଡ଼ିଶାର କଳା ଓ ହସ୍ତଶିଳ୍ପର ସୌନ୍ଦର୍ଯ୍ୟ ତଥା ବିବିଧତାର ଉଚ୍ଚ ପ୍ରଶଂସା କରିଥିଲେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

➢ ଓଡ଼ିଶାର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ବିଜୁ ପଟ୍ଟନାୟକଙ୍କ ଜନ୍ମତିଥି ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ସଭାରେ ତାଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ମାନ୍ୟବର ମନ୍ତ୍ରୀ, ସୂଚନା ଓ ଲୋକସଂପର୍କ, ଜଳସଂପଦ ଶ୍ରୀ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସଂପାଦକ ଡ. ଲେନିନ୍ ମହାନ୍ତି, ଶିକ୍ଷାବିତ୍ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର, ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ଏବଂ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ନିରଞ୍ଜନ ସେଠୀ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ । କିମ୍ବଦନ୍ତୀ ନେତାଙ୍କ ଜୀବନ ଓ କୃତିତ୍ୱ ସମ୍ବଳିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ମଧ୍ୟ ଜୟଦେବ ଭବନରେ ଉଦ୍‌ଘାଟିତ ହୋଇଥିଲା ।

## ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୪,୨୭,୧୭୪ ଟି ନମୁନା କୋଭିଡ୍‌-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୭,୬୨୦ ଜଣ ପଜିଟିଭ୍‌ ଚିହ୍ନଟ ହୋଇଛନ୍ତି ।
- ୩,୩୪, ୮୩୮ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୭ ଜଣ କୋଭିଡ୍‌-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୮୧୨ ରହିଛି ।
- ୮୧୨ ଜଣ ହସ୍‌ପିଟାଲ୍‌ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'